## କ୍ଷୁଦ୍ରଋଣ (Micro Credit)

**୧. କ୍ଷୁଦ୍ରଋଣ (Micro Credit) କଣ ?**

କ୍ଷୁଦ୍ର ଋଣ ସ୍ୱଳ୍ପ ପରିମାଣରେ ଯୋଗାଇ ଦିଆଯାଉଥିବା ଋଣ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା, ତଥା ଭବିଷ୍ୟତ ପାଇଁ ସ୍ୱଳ୍ପସଞ୍ଚୟ ବ୍ୟବସ୍ଥାର ଏକ ଉତ୍ପାଦ, ଯାହା ଗ୍ରାମୀଣ, ଅର୍ଦ୍ଧ ସହର, ଏବଂ ସହରାଞ୍ଚଳର ଗରିବଙ୍କର ରୋଜଗାର କ୍ଷମତାର ସ୍ତରକୁ ବୃଦ୍ଧି କରିବା ସଂଗେ ସଂଗେ ସେମାନଙ୍କର ଜୀବନ ଧାରଣ ଶୈଳୀରେ ଉନ୍ନତି ଆଣିଥାଏ। କ୍ଷୁଦ୍ରଋଣ ସଂସ୍ଥା ଗୁଡିକ ଏହିସବୁ ସୁବିଧା ଉପଲବ୍ଧ କରାଇଥାନ୍ତି।

**୨. ପ୍ରଯୁଜ୍ୟ ସୁଧ ହାର କ'ଣ ?**

ଦେଶରେ ୧୯୯୧ ରେ ହୋଇଥିବା ଆର୍ଥିକ ସଂସ୍କାର ପ୍ରକ୍ରିୟା ସୁଧ ହାର ପରିଚାଳନା ସହିତ ଅଙ୍ଗାଙ୍ଗୀ ଭାବରେ ଜଡିତ। ଏହି ସଂସ୍କାର ପ୍ରକ୍ରିୟା ଦ୍ୱାରା ବ୍ୟାଙ୍କଗୁଡିକ କ୍ଷୁଦ୍ରଋଣ ସଂସ୍ଥାଗୁଡିକୁ କିମ୍ବା କ୍ଷୁଦ୍ରଋଣ ସଂସ୍ଥାଗୁଡିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଉପଲବ୍ଧ କରାଇଥିବା ଋଣର ସୁଧହାର ନିଜେ ନିର୍ଣ୍ଣୟ କରିଥାଆନ୍ତି । ବ୍ୟାଙ୍କ ଗୁଡ଼ିକ ବ୍ୟକ୍ତିବିଶେଷଙ୍କୁ ଦେଉଥିବା କ୍ଷୁଦ୍ର ଋଣ ସୁଧହାର ପୂର୍ବ ପରି ବଳବତ୍ତର ରହିବ ।

**୩. କ୍ଷୁଦ୍ରଋଣ ପାଇବା ପାଇଁ ସର୍ତ୍ତ ଗୁଡିକ କଣ ?**

ବ୍ୟାଙ୍କଗୁଡିକ ମୁକ୍ତ ଭାବରେ ପରିପାଶର୍ବିକ ଅବସ୍ଥାକୁ ଦେଖି ନିଜ ନିଜର ଋଣ ସର୍ତ୍ତାବଳୀ ରଖିଥାନ୍ତି। ଉପଯୁକ୍ତ ଋଣ ଓ ସଞ୍ଚୟ ଯୋଜନା ପ୍ରସ୍ତୁତ କରିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଋଣ ପରିମାଣ, ଋଣ ଯୋଗାଣ ପାଇଁ ହେଉଥିବା ଖର୍ଚ୍ଚ, ପରିପକ୍ୱ ସମୟ, ଅନୁକମ୍ପା ଅବଧି, ଏବଂ ସମ୍ପୃକ୍ତ ନୀତିନିୟମ ଇତ୍ୟାଦି ବ୍ୟାଙ୍କ ମାନେ ନିଜେ ନିଜେ ନିର୍ଣ୍ଣୟ କରିପାରିବେ । ଗରିବମାନଙ୍କର କୃଷି ଓ ଅଣକୃଷି କାର୍ଯ୍ୟକଳାପ ବ୍ୟତୀତ ସେମାନଙ୍କର ବାସ ଗୃହର ଆବଶ୍ୟକତା ଓ ଉନ୍ନତି ପାଇଁ ମଧ୍ୟ କ୍ଷୁଦ୍ରଋଣ ଉପଲବ୍ଧ ହୋଇପାରିବ ।

**୪. ସ୍ୱୟଂ ସହାୟକ ଗୋଷ୍ଠୀ କଣ ?**

ସ୍ୱୟଂ ସହାୟକ ଗୋଷ୍ଠୀ ସମାନ ଆର୍ଥିକ ଓ ସାମାଜିକ ସ୍ଥିତି ବିଶିଷ୍ଟ ଉଦ୍ୟୋଗୀ ମାନଙ୍କର ଏକ ପଂଜିକୃତ କିମ୍ବା ଅଣପଂଜିକୃତ ସଂସ୍ଥା । ଏହି ଉଦ୍ୟୋଗୀମାନ ସ୍ୱଇଚ୍ଛାରେ, ମିଳିତ ଭାବରେ ନିୟମିତ ସ୍ୱଳ୍ପ ଜମାଦେଇ ଏକ ପାଣ୍ଠି ଗଠନ କରନ୍ତି । ଏହା ଆପାତଃକାଳୀନ କ୍ଷୁଦ୍ର ଋଣ ଯୋଗାଇ ଥାଏ। ସମ୍ମିଳିତ ଉଦ୍ୟମ ତଥା ନୈତିକ ମୂଲ୍ୟବୋଧ ସଂସ୍କାର ପାଣ୍ଠିର ସଦୁପଯୋଗ ଓ ଋଣର ପରିଶୋଧରେ ସାହାଯ୍ୟ କରିଥାଏ ।

୫. ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଆର୍ଥିକ ସହାୟକ ଉପବଲବ୍ଧ କରାଇବାର ଉପକାରିତା କଣ ?

ଆର୍ଥିକ ସହାୟକ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଉପଲବ୍ଧ କରାଗଲେ ଅଯଥା କାର୍ଯ୍ୟ ଗୁଡିକ କମିଯିବା ସହିତ ଉଭୟ ଋଣ ଗ୍ରହୀତା ଓ ଋଣ ପ୍ରଦାନକାରୀଙ୍କର ଦେଣନେଣ ଓ ଅନ୍ୟାନ୍ୟ ଖର୍ଚ୍ଚ କମିଯାଏ। ଏହାଦ୍ୱାରା ଗରିବ ଜନସାଧାରଣ ବେଶ୍ ଉପକୃତ ହୋଇଥାନ୍ତି।

**୬. ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ଗୁଡିକର କ୍ଷୁଦ୍ରଋଣ ଯୋଜନାରେ ଭୂମିକା କଣ ?**

ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ଗୁଡିକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟାଙ୍କ ତଥା କ୍ଷୁଦ୍ର ଉଦ୍ୟୋଗ ଓ ବ୍ୟାଙ୍କ ମଧ୍ୟରେ ଆର୍ଥିକ ମଧ୍ୟସ୍ଥିର ଭୂମିକା ଗ୍ରହଣ କରିଥାନ୍ତି। ଏମାନେ ବ୍ୟାଙ୍କମାନଙ୍କ ଠାରୁ ମୋଟା ଅଙ୍କର ଋଣ ଆଣି ସ୍ୱୟଂ ସହାୟକ ଗୋଷ୍ଠୀ ତଥା କ୍ଷୁଦ୍ର ଉଦ୍ୟୋଗ ମାନଙ୍କୁ ଋଣ ପ୍ରଦାନ କରିଥାନ୍ତି ।

**୭. କ୍ଷୁଦ୍ରଋଣର ସାମ୍ପ୍ରତିକ ଆବଣ୍ଟନର ସୂଚକାଙ୍କ କଣ ?**

ବ୍ୟାଙ୍କ ବ୍ୟବସ୍ଥାକୁ ଗରିବ ମାନଙ୍କ ପାଇଁ ଅଧିକ ସଫଳ କରାଇବା ପାଇଁ ନାବାର୍ଡ (NABARD) ଦ୍ୱାରା ୧୯୯୧-୯୨ ଏକ ପଥ ପ୍ରଦର୍ଶକ ଯୋଜନା ଆରମ୍ଭ କରାଯାଇଛି। ଏହା ଦ୍ୱାରା ବ୍ୟାଙ୍କଗୁଡ଼ିକୁ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ସଂଯୁକ୍ତ କରାଯାଇ କ୍ଷୁଦ୍ରଋଣ ଯୋଜନାକୁ ସରଳୀକୃତ ଓ ଅର୍ଥପୂର୍ଣ କରାଯାଇଅଛି।

ରିଜର୍ଭ ବ୍ୟାଙ୍କ ସମସ୍ତ ବ୍ୟବସାୟିକ ବ୍ୟାଙ୍କଗୁଡିକୁ ଏହି ସଂଯୋଗ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ଯୋଜନା ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କ ଗୁଡିକୁ

ମଧ୍ୟ ସଂଯୁକ୍ତ କରୁଛି। ୩୧.୩.୨୦୦୨ ସୁଦ୍ଧା ବ୍ୟାଙ୍କ ଗୁଡିକ ମୋଟ ୪, ୬୧, ୪୭୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ସଂଯୁକ୍ତ କରିଛନ୍ତି ଏବଂ ଏହାଦ୍ୱାରା ମୋଟ ୭.୮୭ ନିଯୁତ ଗରିବ ପରିବାର ବ୍ୟାଙ୍କ ସେବା ପରିସରଭୁକ୍ତ ହୋଇପାରିଛନ୍ତି। ବ୍ୟାଙ୍କ ସହିତ ସଂଯୁକ୍ତ ହୋଇଥିବା ଗୋଷ୍ଠୀ ମଧ୍ୟରୁ ଶତକଡା ୯୦ ଭାଗ ହେଉଛନ୍ତି ମହିଳା ଗୋଷ୍ଠୀ। ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ମୋଟ ୧୦୨୬,୩୪ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି ଏବଂ ଗୋଷ୍ଠୀ ପିଛା ୨୨,୨୪୦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ, ପରିବାର ପିଛା ୧, ୩୧୬ ଟଙ୍କା ଋଣ ପ୍ରଦାନ କରାଯାଇଛି।

ନମୂନା-I ରେ ବେସରକାରୀ ସଂସ୍ଥାର ସହାୟତା ବିନା ଶତକଡା ୧୬ ଭାଗ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇଛି।

ନମୂନା-II - ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ଓ ଅନ୍ୟ ସଂସ୍ଥାମାନଙ୍କ ସହାୟତାରେ ଶତକଡା ୭୫ ଭାଗ ଋଣ ପ୍ରଦାନ କରାଯାଇଛି।

ନମୂନା-III - ବେସରକାରୀ ଓ ଅନ୍ୟ ଆର୍ଥିକ ସହାୟତା କେନ୍ଦ୍ର ଦ୍ୱାରା ଶତକଡା ୦୯ ଭାଗ ଋଣ ପ୍ରଦାନ କରାଯାଇଛି।

ଏହି ଯୋଜନା ଦ୍ୱାରା ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ମୋଟ ୪୮୮ଟି ଜିଲ୍ଲା ଉପକୃତ ହୋଇଛନ୍ତି। ଏହି ଯୋଜନାରେ ବର୍ତ୍ତମାନ ୪୪୪ ବ୍ୟାଙ୍କ (୪୪ ବାଣିଜ୍ୟିକ, ୧୭ଟି ବେସରକାରୀ ) ୧୯୧ଟି ଆରଆରବି ଏବଂ ୨୦୯ ସମବାୟ ବ୍ୟାଙ୍କ, ୨୧୫୫ ବେସରକାରୀ ସଂସ୍ଥା ସହିତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଂଯୁକ୍ତ କରୁଛନ୍ତି।

ସଂପ୍ରତି ଭାରତରେ ସ୍ୱୟଂ ସହାୟକ ଗୋଷ୍ଠୀ-ବ୍ୟାଙ୍କ ସଂଯୁକ୍ତ ଯୋଜନା ଗୁଡିକ ବହୁତ ଭାବରେ କାର୍ଯ୍ୟ କରୁଛି। ଅନ୍ୟ ନମୂନା ଗୁଡିକ ଆର୍ଥିକ ଋଣ ପ୍ରଦାନ ପ୍ରଣାଳୀରେ ମଧ୍ୟ କାର୍ଯ୍ୟ କରୁଛି।

ଅନ୍ୟ ସଫଳ ନମୂନା ଗୁଡିକ ହେଲା :

କ) ଏକ ମାଧ୍ୟମିକ ନମୂନା ଯାହାକି ବ୍ୟାଙ୍କ ନୀତିରେ କାର୍ଯ୍ୟ କରିଥାଏ। ଏହା ଦ୍ୱାରା ହିତାଧିକାରୀଙ୍କୁ ସିଧାସଳଖ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ବ୍ୟାଙ୍କ ସେବା ଉପଲବ୍ଧ କରାଯାଇଥାଏ।

ଖ) ଏହି ନମୂନା ସଂପୂର୍ଣ୍ଣ ବ୍ୟାଙ୍କ ଦ୍ୱାରା ପରିଚାଳିତ ଏହା ଦ୍ୱାରା ହିତାଧିକାରୀ NGOS/MFIS ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ବୁଝାମଣା କରିଥାନ୍ତି। ଏହି ନମୂନାରେ ହିତାଧିକାରୀଙ୍କୁ ଋଣ ଉପଲବ୍ଧ କରାଇବା ସହିତ କ୍ଷମତା ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଥାଏ।

ଗ) ଏହି ନମୂନା ଏକ ବ୍ୟକ୍ତିଗତ ବ୍ୟାଙ୍କ ନମୂନା, ଏହା ହୁଏତ କଷ୍ଟକର କିନ୍ତୁ ଏହା ଦ୍ୱାରା ଉଦ୍ୟୋଗ ଗୁଡିକ ବିକଶିତ ହୋଇଥାନ୍ତି।

ଏହିସବୁ ସ୍ୱୀକୃତି ପ୍ରାପ୍ତ ନମୂନା ଗରିବ ତଥା ଅଣ ସଂଗଠିତ ସଂସ୍ଥା ଗୁଡିକୁ ଋଣ ପ୍ରଦାନ କରାଯାଇଥାଏ। ତତସହିତ ଆରବିଆଇ ସମୟାନୁସାରେ ବ୍ୟାଙ୍କ NGOS/MFIS ଓ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକର କାର୍ଯ୍ୟ ତଦାରଖ କରିଥାନ୍ତି । ଫଳତଃ ଲକ୍ଷ୍ୟ ପ୍ରାପ୍ତିରେ ସଫଳତା ମିଳିଥାଏ।

**୮. ବିଦେଶ ବିନିଯୋଗ କ୍ଷୁଦ୍ରଋଣ ଯୋଜନାରେ ସାମିଲ ଅଛି କି ?**

ଭାରତ ସରକାରଙ୍କ ଘୋଷଣା ପତ୍ର ତା ୨୯,୮, ୨୦୦୦ ଅନୁସାରେ କ୍ଷୁଦ୍ରଋଣ/ଗ୍ରାମୀଣ ଋଣ ନିମନ୍ତେ ଅଣ-ବ୍ୟାଙ୍କ ଆର୍ଥିକ ସଂସ୍ଥା ନିମନ୍ତେ ଅଣ-ବ୍ୟାଙ୍କ ଆର୍ଥିକ ସଂସ୍ଥା (ଏନବିଏଫସି), ବିଦେଶ ବିନିଯୋଗ/ବିଦେଶ ସମବାୟ ସଂସ୍ଥା/ପ୍ରବାସୀ ଭାରତୀୟ ମାନେ ଉପଯୁକ୍ତ। ଏହା ଦ୍ୱାରା କ୍ଷୁଦ୍ରଋଣ ଯୋଜନାରେ ବିଦେଶ ସହଯୋଗୀତା ହୋଇପାରିଛି।

**୯. କ୍ଷୁଦ୍ର ଆର୍ଥିକ ଉନ୍ନୟନ ପାଣ୍ଠି କଣ ?**

କ୍ଷୁଦ୍ର ଋଣ ଦାତା ସଂସ୍ଥାଗୁଡିକ ଗ୍ରହିତାଙ୍କ ଋଣ ଦେବା ସହିତ ଗରିବୀ ଦୂରୀକରଣ ଯୋଜନାଗୁଡିକୁ ଉତ୍ସାହିତ କରିବା ସହିତ ଉଦ୍ୟୋଗକାରୀ ଯୋଜନାଗୁଡିକୁ ଉତ୍ସାହିତ କରିବା ସମେତ ଉଦ୍ୟୋଗୀର ବିକାଶ ଦିଗରେ କାର୍ଯ୍ୟ

କରିଥାଆନ୍ତି । ଉପାଦିତ ଦ୍ରବ୍ୟ ନିମନ୍ତେ ଆବଶ୍ୟକ ବଜାର ତଥା ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦେଇଥାନ୍ତି। କେନ୍ଦ୍ରୀୟ ଅର୍ଥ ମନ୍ତ୍ରଣାଳୟ ୨୦୦୦-୦୧ ବଜେଟରେ ନାବାର୍ଡଦ୍ୱାରା ୧୦୦ କୋଟି ଟଙ୍କା ନିମ୍ନ କାର୍ଯ୍ୟ ନିମନ୍ତେ ଖର୍ଚ୍ଚ କରିବାକୁ ସ୍ଥିର କରିଥିଲେ

ବ) ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ, ସହଯୋଗୀ ଗରଘ, ବ୍ୟାଙ୍କ ଏବଂ ସରକାରୀ ସଂସ୍ଥାଙ୍କୁ ଉପଯୁକ୍ତ ତାଲିମ ଦେବା

ଭ) କ୍ଷୁଦ୍ର ଋଣ ଆର୍ଥିକ ସଂସ୍ଥାକୁ ପ୍ରାରମ୍ଭିକ ପୁଞ୍ଜି ଯୋଗାଇଦେବା ଏବଂ ସେମାନଙ୍କର ପ୍ରାରମ୍ଭିକ ନିଅଣ୍ଟକୁ ଭରଣା କରିବା

ମ) ସ୍ୱୟଂ ସହାୟକ ଗୋଷ୍ଠୀର ନିର୍ମାଣ ଓ ବିକାଶ ନିମନ୍ତେ ପୁଁଜି ଯୋଗାଇବା

ଯ) ନୂତନ ହସ୍ତାନ୍ତର ଜ୍ଞାନ କୌଶଳ ପ୍ରସ୍ତୁତ କରିବା ଏବଂ

ର) ଗବେଷଣା ବିକଶିତ, ପରିଚାଳନା ସୂଚନା ତଥା ଉନ୍ନତ ପ୍ରଣାଳୀର ପ୍ରୟୋଗ କ୍ଷୁଦ୍ର ଋଣ ବ୍ୟବସ୍ଥାରେ ସଂଯୁକ୍ତ କରିବା।

ଏହି ପୁଞ୍ଜି ଦ୍ୱାରା ସଂସ୍ଥାର ବିକାଶ ଓ ହସ୍ତାନ୍ତର, ପ୍ରଶାସନ, ନୂତନ ପୁଁଜିର ସୃଷ୍ଟି, ସଂସ୍ଥାର କ୍ଷମତା ଓ ପରିମାଣ ବୃଦ୍ଧି ଦିଗରେ ସହାୟକ ହୋଇଥାଏ। ରିଜର୍ଭ ବ୍ୟାଙ୍କ ଓ ନାବାର୍ଡ ପ୍ରତ୍ୟେକେ ଏହି ପାଣ୍ଠିକୁ ୪୦ କୋଟି ଟଙ୍କା ସହଯୋଗ କରିଛନ୍ତି। ଅନ୍ୟ ୨୦ କୋଟି ଟଙ୍କା ୧୧ଟି ସରକାରୀ ବ୍ୟାଙ୍କରୁ ସଂଗୃହୀତ ହୋଇଛି।

**୧୦. କେତେ ପ୍ରକାର କ୍ଷୁଦ୍ରଋଣ ନିବେଶ ଭାରତରେ ଅଛି ଏବଂ ସଂପ୍ରତି ସେଗୁଡିକ କେଉଁ ଖସଡା ନୀତି ଦ୍ୱାରା ପରିଚାଳିତ ହେଉଛନ୍ତି ?**

ସ୍ଥିତି ନିମ୍ନ ପରି ରେ ପ୍ରଦାନ କରାଗଲା ।

| | ନିବେଶ ସଂସ୍ଥାର ବର୍ଗୀକରଣ | | ପରିଚାଳିତ ଖସଡା ନୀତି |
|---|---|---|---|
| କ | ଘରୋଇ ବ୍ୟବସାୟିକ ବ୍ୟାଙ୍କ, ସାଧାରଣ ସରକାରୀ ବ୍ୟାଙ୍କ, ବେସରକାରୀ ବ୍ୟାଙ୍କ, ଏବଂ ସ୍ଥାନୀୟ ବ୍ୟାଙ୍କ | i | ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ ୧୯୩୪/ |
| | | ii | ବ୍ୟାଙ୍କିଙ୍ଗ ଅଧିନିୟମ ୧୯୪୯ |
| | | iii | ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିନିୟମ |
| | | iv | ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହଯୋଗୀ ଅଧିନିୟମ |
| | | v | ଅର୍ଜନ ଓ ହସ୍ତାନ୍ତର ଅଧିନିୟମ ୧୯୭୦ ଓ ୧୯୮୦ |
| ଖ | ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ | i | ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଅଧିନିୟମ ୧୯୭୬ |
| | | ii | ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ ୧୯୩୪ |
| | | iii | ବ୍ୟାଙ୍କିଙ୍ଗ ଅଧିନିୟମ ୧୯୪୯ |
| ଗ | ସମବାୟ ବ୍ୟାଙ୍କ | (i) | ସମବାୟ କେନ୍ଦ୍ର ଅଧିନିୟମ |
| | | (ii) | ବ୍ୟାଙ୍କିଙ୍ଗ ଅଧିନିୟମ ୧୯୪୯ (ଏଏସିଏସ) |
| | | (iii) | ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ ୧୯୩୪ (ସିଡ୍ୟୁଲ ବ୍ୟାଙ୍କ ପାଇଁ) |
| ଘ | ସମବାୟ କେନ୍ଦ୍ର | (i) | ରାଜ୍ୟ ବିଧାୟକ ସଂସ୍ଥା ଯଥା, ଏମଏସିଏସ |
| ଙ | ପଂଜିକୃତ ଅଣ-ବ୍ୟାଙ୍କ ଆର୍ଥିକ ଅନୁଷ୍ଠାନ | (i) | ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ ୧୯୩୪ |
| | | (ii) | କମ୍ପାନୀ ଅଧିନିୟମ ୧୯୫୬ |
| ଚ | ଅଣପଂଜିକୃତ ଅଣ-ବ୍ୟାଙ୍କ ଆର୍ଥିକ ଅନୁଷ୍ଠାନ | (i) | ଆର୍ଥିକ ଅନୁଷ୍ଠାନ ପରି ବ୍ୟବସାୟ କରୁଥିବା ଅଣ-ବ୍ୟାଙ୍କ ଆର୍ଥିକ ଅନୁଷ୍ଠାନ, ଯାହାକି ଭାରତୀୟ ରିଜର୍ଭ ବ୍ୟାଙ୍କ ସଂଶୋଧିତ ଅଧିନିୟମ ୧୯୯୭ ପୂର୍ବରୁ କାର୍ଯ୍ୟ |

| | | | |
|---|---|---|---|
| | | | କରିଆସୁଅଛି ଓ ରେଜିଷ୍ଟ୍ରେସନ ସାର୍ଟିଫିକେଟ ପାଇଁ ଯାହାର ଅନୁରୋଧ ପତ୍ର ଏ ପର୍ଯ୍ୟନ୍ତ ବ୍ୟାଙ୍କ ଦ୍ୱାରା ଫେରା ଯାଇନାହିଁ। |
| | | (ii) | କମ୍ପାନୀ ଅଧିନିୟମ ଧାରା ୨୫ |
| ଛ | ଅନ୍ୟ ନିବେଶକାରୀ ସଂସ୍ଥା ଯଥା, ସାମାଜିକ ଗୋଷ୍ଠୀ କେନ୍ଦ୍ର, ଟ୍ରଷ୍ଟ ପ୍ରଭୃତି। | (i) | ଗୋଷ୍ଠୀ କେନ୍ଦ୍ର ପଂଜିକରଣ ଅଧିନିୟମ ୧୯୬୦ |
| | | (ii) | ଭାରତୀୟ ଟ୍ରଷ୍ଟ ଅଧିନିୟମ |
| | | (iii) | ଭାରତୀୟ ରିଜର୍ଭ ବ୍ୟାଙ୍କ ନିୟମ୧୯୩୪ ଅନୁଚ୍ଛେଦ-III (ଗ) |
| | | (iv) | ରାଜ୍ୟ ସାହୁକାରୀ /ମହାଜନୀ ନିୟମ |